ୟୁ.ପି. ସୁନ୍ନି କେନ୍ଦ୍ରୀୟ ୱାକଫ ବୋର୍ଡ

ବନାମ

ମଜହର୍ ହାସନ୍ ଏବଂ ଅନ୍ୟମାନେ

ଅଗଷ୍ଟ 9, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଡି.ପି. ମହାପାତ୍ର, ନ୍ୟାୟମୂର୍ତ୍ତିଦ୍ୱୟ]

*ୟୁ.ପି. ମୁସଲିମ ୱାକଫ ଅଧିନିୟମ, 1960 ଧାରା 29 (8) ଏବଂ 33 ।*

*ୱାକଫ – ବିଦ୍ୟମାନ ସ୍ଥିତିକୁ ଆସୁଛି - ମୁସଲମାନ ଜନସାଧାରଣଙ୍କ ଦ୍ୱାରା ଦିଆଯାଇଥିବା ଦାନରେ ନିର୍ମିତ କେତେକ ସମ୍ପତ୍ତି - ଦାନର ଉଦ୍ଦେଶ୍ୟ ଦାତବ୍ୟ ଏବଂ ଧାର୍ମିକ ଥିଲା - ୱାକଫ୍ ଭାବରେ ପଞ୍ଜୀକୃତ ହୋଇଥିବା ଏପରି ସମ୍ପତ୍ତି - ଉଚ୍ଚ ନ୍ୟାୟାଳୟ ପଞ୍ଜିକରଣକୁ ବାତିଲ କରିଦେଇଛନ୍ତି - ସଠିକତା - ନିର୍ଣ୍ଣୟ କରାଗଲା : ଯଦି ସମ୍ପତ୍ତି ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା ଦାନରୁ ଦାତବ୍ୟ, ଧର୍ମନିଷ୍ଠ କିମ୍ବା ଧାର୍ମିକ ଉଦ୍ଦେଶ୍ୟରେ କ୍ରୟ କରାଯାଏ, ତେବେ ଏହି ସମ୍ପତ୍ତି 'ୱାକଫ'ର ଚରିତ୍ର ହରାଇବ ନାହିଁ - ତେଣୁ, ଏପରି ସମ୍ପତ୍ତି ଏକ ସ୍ଥାୟୀ ସ୍ୱରୂପ ପାଇଥାଏ - ତେଣୁ, ଉଚ୍ଚ ନ୍ୟାୟାଳୟ ପଞ୍ଜିକରଣକୁ ବାତିଲ କରିବା ଯଥାର୍ଥ ନୁହେଁ ।*

*ଶବ୍ଦ ଏବଂ ବାକ୍ୟାଂଶ :*

*"ୱାକଫ " - ର ଅର୍ଥ - ୟୁ.ପି. ମୁସଲିମ ୱାକଫ ଅଧିନିୟମ, 1960 ସନ୍ଦର୍ଭରେ ।*

ଉତ୍ତରଦାତାମାନେ ୟୁ.ପି. ମୁସଲିମ ୱାକଫ ଅଧିନିୟମ, 1960ର ଧାରା 29 (8) ଏବଂ 33 ଅନୁଯାୟୀ ମକଦ୍ଦମା ସମ୍ପତ୍ତିର ୱାକଫ ଭାବରେ ପଞ୍ଜିକରଣକୁ ବାତିଲ କରିବା ପାଇଁ ଏକ ପ୍ରସଙ୍ଗ ଦେଇଥିଲେ । ଆବେଦନକାରୀଙ୍କ ଦ୍ୱାରା ଏହି ପ୍ରସଙ୍ଗକୁ ଏହି ଆଧାରରେ ବିରୋଧ କରାଯାଇଥିଲା ଯେ ଉକ୍ତ ଜମି *ମୁସଲମାନ* ଜନସାଧାରଣଙ୍କ ଦ୍ୱାରା ଦିଆଯାଇଥିବା ଚାନ୍ଦାରୁ କିଣାଯାଇଥିଲା ଏବଂ ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା ଦାନରୁ କୋଠା ମଧ୍ୟ ନିର୍ମାଣ କରାଯାଇଥିଲା; ଯେ ଏହି ପାଣ୍ଠିର ସଂଗ୍ରହ କିମ୍ବା *ମୁସଲମାନମାନଙ୍କ* ଦ୍ୱାରା ଦିଆଯାଇଥିବା ଦାନର ଉଦ୍ଦେଶ୍ୟ ଏକ ଦାତବ୍ୟ ଥିଲା, ଯଥା, *ମୁସଲମାନ ମୁସାଫିରଖାନା* ନିର୍ମାଣ; ସେମାନଙ୍କୁ ଆବାସ ଅଭାବରୁ ମୁକ୍ତି ଦେବା ପାଇଁ ଏବଂ ଧାର୍ମିକ ଉଦ୍ଦେଶ୍ୟରେ *ମୁସାଫିରଖାନା* ମଧ୍ୟରେ ଏକ ମସଜିଦ ମଧ୍ୟ ନିର୍ମାଣ କରାଯାଇଥିଲା; ତେଣୁ, ପଞ୍ଜୀକରଣ ଆଇନ ଅନୁଯାୟୀ ଥିଲା । ନ୍ୟାୟାଧିକରଣ ବିଚାରାର୍ଥେ ପ୍ରସଙ୍ଗକୁ ଅନୁମତି ଦେଇଥିଲେ ଏବଂ ପଞ୍ଜୀକରଣକୁ ବାତିଲ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତକୁ ବଜାୟ ରଖିଥିଲେ । ସେଥିପାଇଁ ଏହି ଆବେଦନ କରାଯାଇଛି ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ କଲେ : 1. ଯଦି କୌଣସି ସମ୍ପତ୍ତି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଅଲଗା ରଖାଯାଏ, ତେବେ ସେହି ସମ୍ପତ୍ତି ଏକ ଉଦ୍ଦେଶ୍ୟ ପାଇଁ 'ଉତ୍ସର୍ଗୀକୃତ' ହୋଇଯିବ । ଏହା କୁହାଯାଇପାରିବ ନାହିଁ ଯେ ଏହା କେବଳ ସେହି କ୍ଷେତ୍ରରେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ନିଜ ସମ୍ପତ୍ତିରୁ ନିଜକୁ ମୁକ୍ତ କରିଦିଏ ଏବଂ ନ୍ୟାସ ଘୋଷଣା

**କରିବା ପରେ ଏହା ବ୍ୟବସ୍ଥାକାରୀଙ୍କ ଉପରେ ନିର୍ଭର କରେ, କେଉଁ ଉଦ୍ଦେଶ୍ୟରେ ପରବର୍ତ୍ତୀ ସମୟରେ ସମ୍ପତ୍ତି ରଖାଯିବ । ଯଦି ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା ଅର୍ଥରୁ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଏକ ସମ୍ପତ୍ତି କ୍ରୟ କରାଯାଏ, ଯାହା ଧାର୍ମିକ କିମ୍ବା ଦାତବ୍ୟ ସ୍ୱରୂପର ଅଟେ, ତେବେ ଏହିପରି ସମ୍ପତ୍ତି ୟୁ.ପି. ମୁସଲିମ ୱାକଫ ଅଧିନିୟମ, 1960 ପରିଭାଷା ଅନୁଯାୟୀ 'ୱାକଫ' ର ମାନ୍ୟତା ହରାଇବ ନାହିଁ । ଯେଉଁ ଉଦ୍ଦେଶ୍ୟରେ ଉକ୍ତ ସମ୍ପତ୍ତିକୁ ଅଲଗା ରଖାଯାଇଛି କିମ୍ବା ଉତ୍ସର୍ଗୀକୃତ କରାଯାଇଛି ତାହା ଦାତବ୍ୟ, ଧର୍ମନିଷ୍ଠ କିମ୍ବା ଧାର୍ମିକ ପ୍ରକୃତିର, ତେଣୁ, ସମର୍ପଣ ସମ୍ପୂର୍ଣ୍ଣ ଥିଲା ଏବଂ ଏହାକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିନିଯୋଗ କରାଯାଇପାରିବ ନାହିଁ । ତେଣୁ, ଯେତେବେଳେ ସମ୍ପତ୍ତି କେବଳ ଧାର୍ମିକ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିବ, ଏହା ଏକ ସ୍ଥାୟୀ ଚରିତ୍ର ହାସଲ କରିଥାଏ । ତେଣୁ, ନ୍ୟାୟାଧିକରଣଙ୍କ ଦ୍ୱାରା ପଞ୍ଜିକରଣ ରଦ୍ଦ କରିବା ଆଦେଶ ଠିକ୍ ବୋଲି ଉଚ୍ଚ ନ୍ୟାୟାଳୟ କହିବା ଯଥାର୍ଥ ନୁହେଁ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 11988/1995 ।

ସି.ଆର୍. ସଂଖ୍ୟା 595/1978 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା 11.4.94 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସାକିଲ୍ ଅହମ୍ମଦ ସୟଦ୍ ।

ଉତ୍ତରଦାତାମାନଙ୍କ ପାଇଁ ଇରଶାଦ ଅହମ୍ମଦ ।

**ନ୍ୟାୟମୂର୍ତ୍ତି, ରାଜେନ୍ଦ୍ର ବାବୁଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

ଉତ୍ତର ପ୍ରଦେଶ ମୁସଲିମ ୱାକଫ ଅଧିନିୟମ, 1960 ର ଧାରା 29 (8) ଏବଂ ଧାରା 33 ଅନୁଯାୟୀ କେତେକ ସମ୍ପତ୍ତିର ୱାକଫ ଭାବରେ ପଞ୍ଜୀକରଣ ଉପରେ ପଞ୍ଜୀକରଣ ବାତିଲ କରିବା ପାଇଁ ଉତ୍ତରଦାତାଙ୍କ ଦ୍ୱାରା ଏକ ବିଚାରାର୍ଥେ ପ୍ରେରଣ ଦିଆଯାଇଥିଲା । ପ୍ରଶ୍ନରେ ଥିବା ଉକ୍ତ ସମ୍ପତ୍ତି ବାହାରାଇଚ୍ ସହରର *କାଜିପୁରାରେ* ଅବସ୍ଥିତ ଏକ *ମୁସଲମାନ ମୁସାଫିରଖାନା* ବୋଲି କୁହାଯାଇଛି, ଯେଉଁଥିରେ 24ଟି କୋଠରୀ, ଗୋଟିଏ ଅଗଣା, ବାରଣ୍ଡା, ଖୋଲା ଜମି, ରାସ୍ତା, ଚାରୋଟି ଦୋକାନ, କାର୍ଯ୍ୟାଳୟ କୋଠରୀ ଏବଂ ନିର୍ମାଣାଧୀନ କିଛି ଅଂଶ ଅଭିଯୋଗରେ ସୂଚିତ ହୋଇଛି ଏବଂ ସେହି ଆବାସ ମଧ୍ୟରେ ଏକ ମସଜିଦ ଅଛି କିନ୍ତୁ ତାହା ଅର୍ଜିରେ ଅନ୍ତର୍ଭୁକ୍ତ ହୋଇନଥିଲା । ଉତ୍ତରଦାତାମାନଙ୍କ ଦ୍ୱାରା ଉପସ୍ଥାପିତ ମାମଲାଟି ହେଉଛି ଯେ ପ୍ରଶ୍ନରେ ଥିବା ସମ୍ପତ୍ତି ଏକ ସମିତିର ମାଲିକାନାରେ ଥିଲା ଯାହାର ପଦାଧିକାରୀ ଉତ୍ତରଦାତାମାନେ ଥିଲେ; ଯେ ସେମାନେ ମକଦ୍ଦମା ସମ୍ପତ୍ତିର ଅଧିକାରୀ; ଯେ ସେମାନେ ଉକ୍ତ ଜମି, ଯେଉଁଠାରେ ଏହି ବାସସ୍ଥାନ ଅବସ୍ଥିତ, 1966 ମସିହା ଅକ୍ଟୋବର 18 ତାରିଖରେ ଦୁଇଜଣ ମହିଳାଙ୍କଠାରୁ 6,100 ଟଙ୍କାରେ କ୍ରୟ କରିଥିଲେ ଏବଂ ଏହାପରେ ସେହି ଜମିରେ ମୁସାଫିରଖାନା ନିର୍ମାଣ କରାଇଥିଲେ; ଯେ ଅଧିନିୟମର ଧାରା 29 ରୁ 33 ର ବ୍ୟବସ୍ଥା ପ୍ରଯୁଜ୍ୟ ହୋଇନଥିଲା ଏବଂ ତେଣୁ ବିବାଦରେ ଥିବା ସମ୍ପତ୍ତିର ୱାକଫ୍ ଭାବରେ ପଞ୍ଜୀକରଣ ବେଆଇନ, ବାତିଲ ଓ ଅସିଦ୍ଧ ଥିଲା । ଆବେଦନକାରୀଙ୍କ ଦ୍ୱାରା ଏହି ପ୍ରସଙ୍ଗକୁ ଏହି ଆଧାରରେ ବିରୋଧ କରାଯାଇଥିଲା ଯେ ଉକ୍ତ ଜମି ମୁସଲମାନ ଜନସାଧାରଣଙ୍କ ଦ୍ୱାରା ଦିଆଯାଇଥିବା ଚାନ୍ଦାରୁ କିଣାଯାଇଥିଲା ଏବଂ ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା

ଏହି ଦାନରୁ କୋଠା ମଧ୍ୟ ନିର୍ମାଣ କରାଯାଇଥିଲା; ଯେ ଏହି ପାଣ୍ଠିର ସଂଗ୍ରହ କିମ୍ବା ମୁସଲମାନମାନଙ୍କ ଦ୍ୱାରା ଦିଆଯାଇଥିବା ଦାନର ଉଦ୍ଦେଶ୍ୟ ଦାତବ୍ୟ ଥିଲା, ଯଥା, ମୁସଲମାନ ମୁସାଫିରଖାନା ନିର୍ମାଣ; ସେମାନଙ୍କୁ ଆବାସ ଅଭାବରୁ ମୁକ୍ତି ଦେବା ପାଇଁ ଏବଂ ଧାର୍ମିକ ଉଦ୍ଦେଶ୍ୟରେ ମୁସାଫିରଖାନା ମଧ୍ୟରେ ଏକ ମସଜିଦ ମଧ୍ୟ ନିର୍ମାଣ କରାଯାଇଥିଲା; ତେଣୁ, ପଞ୍ଜୀକରଣ ଆଇନ ଅନୁଯାୟୀ ଥିଲା ।

ନ୍ୟାୟାଧିକରଣ ନିର୍ଣ୍ଣୟ କରିଛନ୍ତି ଯେ ଏହି ମସଜିଦ ମୁସାଫିରଖାନାର ଅଂଶବିଶେଷ ଏବଂ ଏହାର ଏକ ଧାର୍ମିକ ଉଦ୍ଦେଶ୍ୟ ରହିଛି ଏବଂ ମୁସାଫିରଖାନା ଦାତବ୍ୟ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ଏବଂ ମୁସାଫିରଖାନାର ଅଂଶବିଶେଷ ଭାବରେ ଏକ ମସଜିଦର ଥିବା କାରଣରୁ ଏକ ଧାର୍ମିକ ଚରିତ୍ର ମଧ୍ୟ ରହିଛି । ତେବେ, ୱାକଫ୍ ସମ୍ପତ୍ତି ବୋଲି କୁହାଯାଉଥିବା ସମ୍ପତ୍ତିକୁ ମୁସଲମାନ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସ୍ଥାୟୀ ଭାବେ ଉତ୍ସର୍ଗୀକୃତ ବୋଲି ପ୍ରମାଣିତ କରାଯିବା ଉଚିତ ଏବଂ ସମର୍ପଣର ଉଦ୍ଦେଶ୍ୟ ଧାର୍ମିକ, ଧର୍ମନିଷ୍ଠ ଏବଂ ଦାତବ୍ୟ ବୋଲି ପ୍ରମାଣିତ ହେବା ଆବଶ୍ୟକ, ଏହା କେବଳ ଏପରି ଏକ କ୍ଷେତ୍ରରେ ୱାକଫ୍ ଅସ୍ତିତ୍ୱରେ ଆସିଛି ବୋଲି କୁହାଯାଇପାରିବ ଏବଂ ମୁସଲମାନ ବିଶ୍ୱାସ ରଖୁଥିବା ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କ ଦ୍ୱାରା ଉତ୍ସର୍ଗୀକୃତ ପ୍ରମାଣର ଅନୁପସ୍ଥିତିରେ ବିବାଦରେ ଥିବା ସମ୍ପତ୍ତିକୁ ୱାକଫ୍ ସମ୍ପତ୍ତି ବୋଲି କୁହାଯାଇପାରିବ ନାହିଁ ଏବଂ ଏହାକୁ ୱାକଫ୍ ସମ୍ପତ୍ତି ବୋଲି ବିବେଚନା କରାଯାଇପାରିବ ନାହିଁ, ନ୍ୟାୟାଧିକରଣ ପ୍ରସଙ୍ଗକୁ ଅନୁମତି ଦେଇଥିଲେ ଏବଂ ପଞ୍ଜୀକରଣକୁ ବାତିଲ କରିଦେଇଥିଲେ । ଏହି ମାମଲାକୁ ପୁନରୀକ୍ଷଣ ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟକୁ ନିଆଯାଇଥିଲା ଯେଉଁଥିରେ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତକୁ ବଜାୟ ରଖିଥିଲେ ଏବଂ ପୁନରୀକ୍ଷଣ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ କରାଯାଇଛି ।

ଉଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ସିଦ୍ଧାନ୍ତକୁ ଲିପିବଦ୍ଧ କରିଥିଲେ :-

> "ବର୍ତ୍ତମାନର ମାମଲାରେ, ନିମ୍ନ ନ୍ୟାୟାଳୟ ଦ୍ୱାରା ଦର୍ଶାଯାଇଥିବା ସନ୍ଦେହ ସତ୍ତ୍ୱେ ମୁସଲମାନ ଜନସାଧାରଣଙ୍କ ପାଇଁ ଏକ ମୁସାଫିରଖାନା ସୃଷ୍ଟି କିମ୍ବା ନିର୍ମାଣକୁ ହିତକାରୀ, ଧର୍ମନିଷ୍ଠ ଏବଂ ଦାତବ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇପାରେ । ଏପରିକି ଏହା ଧାର୍ମିକ ମଧ୍ୟ ହୋଇପାରେ, ଅର୍ଥାତ୍, ଯେଉଁ ଉଦ୍ଦେଶ୍ୟରେ ଲୋକଙ୍କଠାରୁ ଏହି ଚାନ୍ଦା ଦାବି କରାଯାଉଥିଲା । ଦାନର ଉଦ୍ଦେଶ୍ୟ କିମ୍ବା ଅଭିପ୍ରାୟ, ଅର୍ଥାତ୍, ମୁସାଫିରଖାନା ନିର୍ମାଣ ଧର୍ମନିଷ୍ଠ, ଦାତବ୍ୟ ଏବଂ ଧାର୍ମିକ ଅଟେ, ଏଥିରେ କୌଣସି ସନ୍ଦେହ ନାହିଁ, କିନ୍ତୁ ଅନ୍ୟ ଉପାଦାନ, ଯେପରି ମୁଁ ପୂର୍ବରୁ ଉଲ୍ଲେଖ କରିଛି, ତାହା ହେଉଛି ସ୍ୱେଚ୍ଛାକୃତ ସମର୍ପଣ ହେବା ଉଚିତ୍ ଏବଂ ମୁସଲମାନ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସମର୍ପଣ କରାଯିବା ଉଚିତ । ବର୍ତ୍ତମାନର ମାମଲାରେ, ନିମ୍ନ ନ୍ୟାୟାଳୟଙ୍କ ଦ୍ୱାରା ମିଳିଥିବା ନଥିରେ ଥିବା ପ୍ରମାଣ ମଧ୍ୟ ସୂଚିତ କରେ ଯେ ଏକ ବୈଠକ ଡକାଯାଇଥିଲା ଏବଂ ଚାନ୍ଦା ଦାବି କରି ଆବେଦନ ଜାରି ହେବା ପରେ ବହରାଇଚର ଲୋକଙ୍କଠାରୁ ଚାନ୍ଦାରୁ ଟଙ୍କା ଆସିଥିଲା । ପ୍ରଦର୍ଶନ A12 - ନଥିରେ ସେହି ଆବେଦନ ଅଛି ଯାହା ଦାନ ଦାବି କରି ଜାରି କରାଯାଇଥିଲା ଏବଂ ଏହାର ଅନୁସରଣରେ ପି. ଡବ୍ଲୁ. 1 ନିଜାମୁଦ୍ଦିନ୍ ଏବଂ ଅନ୍ୟ ସାକ୍ଷୀଙ୍କ ସାକ୍ଷ୍ୟ ଅନୁଯାୟୀ ବାହରାଇଚର ଜନସାଧାରଣଙ୍କଠାରୁ ଅର୍ଥ ଆସିଥିଲା ଯେଉଁମାନେ ଚାନ୍ଦା କିମ୍ବା

ଦାନ ପ୍ରଦାନ କରିଥିଲେ । କୌଣସି ପ୍ରମାଣ ନାହିଁ ଯେ ସେମାନେ ଆଧାତ୍ମିକ ଲାଭ ପାଇବା ଉଦ୍ଦେଶ୍ୟରେ ଦାନ କରିଥିଲେ ।"

ଉଚ୍ଚ ନ୍ୟାୟାଳୟଙ୍କ ମତ ହେଉଛି ଯେ ସମର୍ପଣ ସହିତ କୌଣସି ଦାବି କିମ୍ବା ଆବେଦନ ବିନା ସ୍ୱେଚ୍ଛାକୃତ ସ୍ୱୟଂ ଦାନର ଏକ ଧାରଣା ରହିଛି ଏବଂ ସାଧାରଣ ଲୋକଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ଦିଆଯାଇଥିବା ଚାନ୍ଦା କିମ୍ବା ଦାନକୁ ସ୍ଥାୟୀ ପ୍ରକୃତିର ସମ୍ପତ୍ତିର ଦାନ ଭାବରେ ଗ୍ରହଣ କରାଯାଇପାରିବ ନାହିଁ ଯାହା ଅଧିନିୟମ ଅନୁଯାୟୀ 'ୱାକଫ୍' ର ପରିଭାଷାର ଅତ୍ୟାବଶ୍ୟକ ଉପାଦାନ । ଯଦି କୌଣସି ସମ୍ପତ୍ତି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଅଲଗା ରଖାଯାଏ, ତେବେ ସେହି ସମ୍ପତ୍ତି ଉଦ୍ଦେଶ୍ୟ ପାଇଁ 'ଉତ୍ସର୍ଗୀକୃତ' ହୋଇଯିବ । ଏହା କୁହାଯାଇପାରିବ ନାହିଁ ଯେ ଏହା କେବଳ ସେହି କ୍ଷେତ୍ରରେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ସମ୍ପତ୍ତିରୁ ନିଜକୁ ଅଲଗା କରିଦିଅନ୍ତି ଏବଂ ନ୍ୟାସ ଘୋଷଣା କରିବା ପରେ ସମ୍ପତ୍ତିକୁ ଧାରଣ କରିବାର ଉଦ୍ଦେଶ୍ୟରେ ଏହା ବ୍ୟବସ୍ଥାକାରୀଙ୍କ ପାଇଁ ବାଧ୍ୟତାମୂଳକ ହୋଇଥାଏ । ଯଦି ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା ଅର୍ଥରୁ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଏକ ସମ୍ପତ୍ତି କ୍ରୟ କରାଯାଏ ଯାହା ଧାର୍ମିକ କିମ୍ବା ଦାତବ୍ୟ ପ୍ରକୃତର ଅଟେ, ତେବେ ଆମେ ଭାବୁନାହୁଁ ଯେ ଏପରି ସମ୍ପତ୍ତି ଅଧିନିୟମ ଅନୁଯାୟୀ ପରିଭାଷିତ 'ୱାକଫ'ର ମାନ୍ୟତା ହରାଇବ । ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତକୁ ସମର୍ଥନ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ନିଜେ ସୂଚିତ କରେ ଯେ ଯେଉଁ ଉଦ୍ଦେଶ୍ୟ ପାଇଁ ସମ୍ପୃକ୍ତ ସମ୍ପତ୍ତି ଅଲଗା ରଖାଯାଇଛି କିମ୍ବା ଉତ୍ସର୍ଗୀକୃତ ହୋଇଛି ତାହା ଦାତବ୍ୟ, ଧର୍ମନିଷ୍ଠ କିମ୍ବା ଧାର୍ମିକ ପ୍ରକୃତିର ଏବଂ ତେଣୁ, ସମର୍ପଣ ସମ୍ପୂର୍ଣ୍ଣ ଥିଲା ଏବଂ ଏହାକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିନିଯୋଗ କରାଯାଇପାରିବ ନାହିଁ । ତେଣୁ, ଯେତେବେଳେ ସମ୍ପତ୍ତି କେବଳ ଧାର୍ମିକ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିବ, ଏହା ଏକ ସ୍ଥାୟୀ ଚରିତ୍ର ହାସଲ କରେ । ଏହି ମାମଲାକୁ ଦୃଷ୍ଟିରେ ରଖି, ଆମେ ଭାବୁନାହୁଁ, ନ୍ୟାୟାଧିକରଣଙ୍କ ଦ୍ୱାରା ପଞ୍ଜୀକରଣ ରଦ୍ଦ କରିବା ଉଚିତ ବୋଲି ଉଚ୍ଚ ନ୍ୟାୟାଳୟ କହିବା ଯଥାର୍ଥ । ନ୍ୟାୟାଧିକରଣଙ୍କ ଆଦେଶକୁ ସମର୍ଥନ କରୁଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି ଏବଂ ଉତ୍ତରଦାତାମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସଙ୍ଗ ଖାରଜ ହେବ ।

ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଭି.ଏସ୍.ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।